# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26th May – 2025**

**********************************

## ମୁଖ୍ୟ ସମ୍ବାଦ

- ଆତ୍ମନିର୍ଭରଶୀଳତା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା; କହିଲେ ପ୍ରଧାନମନ୍ତ୍ରୀ

- ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଶବ୍ଦାବଳୀକୁ ନେଇ ପେଟେଣ୍ଟ ଆବେଦନ କରାଯିବ; ସୂଚନା ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

– ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ରଥଯାତ୍ରା ନୀତିନିର୍ଘଣ୍ଟ ଅନୁମୋଦିତ

- ରାଜ୍ୟରେ ପ୍ରତିଷ୍ଠା ହେବ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା

ଏବଂ

- ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

***HS***

## ପ୍ରଧାନମନ୍ତ୍ରୀ- ଜନସମାବେଶ ସମ୍ବୋଧନ

୧୪୦ କୋଟି ଭାରତୀୟ ଏକ ବିକଶିତ ରାଷ୍ଟ୍ର ଗଠନ ଲକ୍ଷ୍ୟ ନେଇ ଏକଜୁଟ୍ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗୁଜୁରାଟର ଦାହୋଦଠାରେ ଏକ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆତ୍ମନିର୍ଭରଶୀଳତା ହେଉଛି ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏ କ୍ଷେତ୍ରରେ ଭାରତ ଦ୍ରୁତ ଅଭିବୃଦ୍ଧି ହାସଲ କରୁଛି। ଘରୋଇ ଉତ୍ପାଦନ ଏବଂ ରପ୍ତାନୀ ଉଭୟ କ୍ଷେତ୍ରରେ ନିରନ୍ତର ବିକାଶ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ମେ’ ୨୬ ତାରିଖ ତାଙ୍କ ଜୀବନର ଏକ ସ୍ମରଣୀୟ ଦିବସ। ୨୦୧୪ ମସିହା ମେ’ ୨୬ ତାରିଖରେ ସେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବେ ଆତ୍ମବିଶ୍ୱାସ ଏବଂ ଆଶାବାଦର ଏକ ନୂତନ ମାର୍ଗରେ ଗତି କରୁଛି।

***Puri***

## ଶ୍ରୀମନ୍ଦିର— ଉଚ୍ଚସ୍ତରୀୟ ବୈଠକ

ଚଳିତ ବର୍ଷର ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରାର ନୀତିନିର୍ଘଣ୍ଟକୁ ଆଜି ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ଅନୁମୋଦନ କରାଯାଇଛି। ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପୁରୀ ଶ୍ରୀମନ୍ଦିର

କାର୍ଯ୍ୟାଳୟଠାରେ ବସିଥିବା ଏହି ବୈଠକରେ ଶୃଙ୍ଖଳିତ ରଥଯାତ୍ରା ଏବଂ ଛତିଶା ନିଯୋଗ ଦ୍ୱାରା ପ୍ରସ୍ତୁତ ନୀତିନିର୍ଘଣ୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଛି। ରଥଯାତ୍ରା ସମୟରେ ରାଜେନ୍ଦ୍ରାଭିଷକଠାରୁ ଆରମ୍ଭ କରି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଏଥିସହ ଶ୍ରୀମନ୍ଦିରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ରଥଯାତ୍ରା ସମୟରେ ଗର୍ଭଗୃହ ଯାଞ୍ଚ ଏବଂ ମରାମତି ସହିତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରିବାକୁ ମଧ୍ୟ ମତପ୍ରକାଶ ପାଇଛି। ନାଟ୍ୟ ମଣ୍ଡପର ପ୍ରସ୍ତାବିତ ଧାଡ଼ି ଦର୍ଶନ ବ୍ୟବସ୍ଥା, ମହାପ୍ରଭୁଙ୍କ ଭୂସମ୍ପତ୍ତି ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି କହିଛନ୍ତି, ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଶବ୍ଦାବଳୀକୁ ନେଇ ପେଟେଣ୍ଟ ଆବେଦନ କରାଯିବ।

**- V/O -**

ଦୀଘାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ଏବଂ ଇସ୍କନ ଦ୍ୱାରା ଆୟୋଜିତ ଅଦିନିଆ ରଥଯାତ୍ରା ସମ୍ପର୍କରେ ଗଜପତି ମହାରାଜ ତାଙ୍କର ମତ ଉପସ୍ଥାପନ କରିଥିଲେ। ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର' ଜଗନ୍ନାଥ ଧାମ ନୁହେଁ ବୋଲି ଗଜପତି ଉଲ୍ଲେଖ କରିବା ସହ ପଶ୍ଚିମବଙ୍ଗ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଇସ୍କନ ପକ୍ଷରୁ ଆୟୋଜିତ ଅଦିନିଆ ରଥଯାତ୍ରା ସମ୍ପର୍କରେ ମତ ଦେଇ ଗଜପତି

ମହାରାଜ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିବା ନେଇ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ଅନୁପସ୍ଥିତିରେ ରଥଯାତ୍ରାର ନୀତିନିର୍ଘଣ୍ଟ ଚୂଡ଼ାନ୍ତରେ ଏହି ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା ।

***HS***

## ପ୍ରଧାନମନ୍ତ୍ରୀଙ୍କ ବୈଠକ

ଏନ୍.ଡି.ଏ. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡବଲ ଇଞ୍ଜିନ୍ ସରକାରଙ୍କ ମୂଳତତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।  ଶ୍ରୀମତୀ ପରିଡ଼ା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ତୃଣମୂଳସ୍ତରରେ ପହଁଞ୍ଚାଇବା ନେଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ । ଡବଲ୍ ଇଞ୍ଜିନ୍ ସରକାର ସ୍ୱଚ୍ଛତା ଏବଂ ସଂସ୍କାରକୁ ନେଇ କାର୍ଯ୍ୟ କରୁଛି । ଲୋକଙ୍କ ଜୀବନଶୈଳୀକୁ ସହଜ କରିବା, ଆତ୍ମନିର୍ଭରଶୀଳ ଭାରତ ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ପ୍ରଧାନମନ୍ତ୍ରୀ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତା ମାସ ୯ ତାରିଖରେ କେନ୍ଦ୍ରର ଏନ୍.ଡି.ଏ. ସରକାରକୁ ୧୧ ବର୍ଷ ପୁରିବାକୁ ଥିବା ବେଳେ ୧୨ ତାରିଖ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ଶାସନ ପୂରଣ ହେବ । ଏହି ସମୟ ମଧ୍ୟରେ ସରକାରଙ୍କ ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ବିଶେଷ ଅଭିଯାନ

ଆୟୋଜନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ରଥଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନ୍.ଡି.ଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କୁ ପୁରୀ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

***Desk***

## ସାଇବର ସମ୍ପର୍କିତ କର୍ମଶାଳା

ସାଇବର ଅପରାଧର ତଦନ୍ତ ଏବଂ ସାଇବର ବୁଦ୍ଧିମତା ସମ୍ପର୍କିତ ଏକ କର୍ମଶାଳା ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ କ୍ରାଇମବ୍ରାଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ ସାଇବର ଅପରାଧର ସଠିକ ତଦନ୍ତ ପାଇଁ ଏଭଳି କର୍ମଶାଳା ବିଶେଷ ସହାୟକ ହେବ ବୋଲି କହିଛନ୍ତି। ରାଜ୍ୟର ସମସ୍ତ ରେଞ୍ଜ ଏବଂ ଜିଲ୍ଲାସ୍ତରରେ ସାଇବର ଅପରାଧ ତଦନ୍ତ ସମ୍ପର୍କିତ କର୍ମଶାଳାର ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିରେ ପୁଲିସ ବିଭାଗର ସମସ୍ତ ବର୍ଗର ଅଧିକାରୀ ଅଂଶଗ୍ରହଣ କରିବେ। ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଆଧାରିତ ତାଲିମ ମାଧ୍ୟମରେ ସାଇବର ଅପରାଧ ଜନିତ ଆହ୍ୱାନର ମୁକାବିଲା କରାଯାଇପାରିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ସାଇବର ଅପରାଧକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ରାଜ୍ୟ ପୁଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ

ଓ ଅର୍ଥନୈତିକ ଥାନା ପ୍ରତିଷ୍ଠା ପାଇଁ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ଖୁରାନିଆ କହିଛନ୍ତି, ଭୁବନେଶ୍ୱରଠାରେ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସାଇବର ଅପରାଧ ନିୟନ୍ତ୍ରଣ, ଚିହ୍ନଟ ଏବଂ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି । ଏହି କର୍ମଶାଳାରେ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ସାଇବର ବିଶେଷଜ୍ଞ ଯୋଗ ଦେଇଥିଲେ ।

***Desk***

## ନୀତି ଆୟୋଗ ରିପୋର୍ଟ

ଦେଶର ମଧ୍ୟମ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ପାଇଁ ପ୍ରସ୍ତୁତି ନୀତି ଶୀର୍ଷକ ଏକ ରିପୋର୍ଟ ନୂଆଦିଲ୍ଲୀଠାରେ ଆଜି ନୀତି ଆୟୋଗଙ୍କ ପକ୍ଷରୁ ପ୍ରକାଶ କରାଯାଇଛି । ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂକ୍ରାନ୍ତ ଏକ ରୂପରେଖ ଏଥିରେ ଉଲ୍ଲେଖ କରାଯାଇଛି । ଏହି କ୍ଷେତ୍ରରେ ରହିଥିବା ସମ୍ଭାବନା ଏବଂ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକଳାପ ଉପରେ ଏହି ରିପୋର୍ଟରେ ଆଲୋକପାତ କରାଯାଇଛି । ମଧ୍ୟମ ଉଦ୍ୟୋଗଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ, ବଜାର ସ୍ଥିତି, ଗବେଷଣା ସହଯୋଗ, ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଭିତ୍ତିଭୂମି ଆଦି ବିଭିନ୍ନ ପ୍ରସଙ୍ଗ ଏଥିରେ ସ୍ଥାନିତ ହୋଇଛି ।

*Desk*

## ଗହମ ସଂଗ୍ରହ

ଚଳିତ ରବିଋତୁରେ କେନ୍ଦ୍ର ସରକାର ୨୯ ନିୟୁତ ଟନ୍‌ରୁ ଅଧିକ ଗହମ ସଂଗ୍ରହ କରିଛନ୍ତି। ଯାହା ଗତ ବର୍ଷ ତୁଳନାରେ ୧୩ ପ୍ରତିଶତରୁ ଅଧିକ ବୋଲି ଭାରତୀୟ ଖାଦ୍ୟ ନିଗମ– ଏଫ୍.ସି.ଆଇ. ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ୨୦୨୧-୨୨ ମସିହରେ ଏଭଳି ରେକର୍ଡ ସଂଗ୍ରହ ହୋଇଥିଲା। ଅନୁକୂଳ ପାଣିପାଗ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ ହାନୀ ହୋଇ ନ ଥବାରୁ ଗହମ ଉତ୍ପାଦନରେ ବୃଦ୍ଧି ଘଟିଛି। ଏହି ଅଧିକ ସଂଗୃହୀତ ଗହମକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ବାଣ୍ଟିବା ଏବଂ ଦରବୃଦ୍ଧିର ମୁକାବିଲା କରିବା ଲାଗି ବ୍ୟବହାର କରାଯିବ ବୋଲି ଏଫ୍.ସି.ଆଇ. ପକ୍ଷରୁ କୁହାଯାଇଛି।

*Desk*

## ସିଏମ୍ ଟ୍ରଫି

ରାଜ୍ୟରେ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଆସନ୍ତା ୨୮ ତାରିଖ ବୁଧବାର ଦିନଠାରୁ ଦ୍ୱିତୀୟ ପର୍ଯ୍ୟାୟ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତା ପରେ ସି.ଏମ୍. ଟ୍ରଫି ଫାଇନାଲ ଖେଳ ଅନୁଷ୍ଠିତ ହେବ।

କଳିଙ୍ଗ ଷ୍ଟାଡିୟମରେ ଗତକାଲି ସି.ଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ସଙ୍ଗୀତକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି। ସୂଚନାଯୋଗ୍ୟ, ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୭୧ଟି ଫୁଟବଲ କ୍ଲବ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

***MET***

## ପାଣିପାଗ

ମରଠୱାଡ଼ା ଏବଂ ତାର ଆଖପାଖ ଆନ୍ଧ୍ରପ୍ରଦେଶ, ଉପକୂଳବର୍ତ୍ତୀ ଅଞ୍ଚଳରୁ ଛତିଶଗଡ଼, ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ସହିତ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି।